# ଦେଶୀ ମଦ ଜବତ, ମହିଳା ବ୍ୟବସାୟୀ ଗିରଫ

ପାଣିକୋଇଲି, ୧୪।୫: ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଂଚାୟତର ନରପଦା ଗ୍ରାମରୁ ପୁଲିସ ଦେଶୀ ମଦ ଜବତ କରିବା ସହ ମହିଳାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ପ୍ରକାଶଯେ ନରପଦା ଗ୍ରାମରେ ଦେଶୀ ମଦ କାରବାର କରାଯାଉଥିବା ଖବର ପାଇ ସବଇନ୍ସପେକ୍ଟର ବିଶ୍ୱରଂଜନ ଦାସ ସଦଳବଳେ ଚଢାଉ କରିଥିଲେ। ଚଢାଉ ସମୟରେ ଜଣେ ମହିଳାଙ୍କ ନିକଟରୁ ୪୯ ବୋତଲ ଆସ୍କା ଫର୍ଟି (୯.୮୦୦ଲିଟର) ଜବତ କରିବାରେ ସକ୍ଷମ ହୋଇଥିଲେ। ତାକୁ ଧରିବା ପରେ ଉକ୍ତ ମହିଳା ଜଣଙ୍କ ବିଂଝାରପୁର ଥାନା ଅନ୍ତର୍ଗତ ପ୍ରହଲ୍ଲାଦପୁର ଗ୍ରାମର କୁନୁ ଦାସଙ୍କ ସ୍ତ୍ରୀ ଝୁନୁ ଦାସ(୩୦) ବୋଲି ଜଣାପଡିଥିଲା। ସେ କିଛି ଦିନ ହେବ ନରପଦାରେ ରହି ଚୋରା ମଦ ବ୍ୟବସାୟ କରିଆସୁଥିଲା। ତା ନିକଟରୁ ମଦ ଜବତ ପରେ ପୁଲିସ ଏକ ମାମଲା ୧୬୫/୨୬ ରୁଜୁ କରି ଓଡିଶା ଅବକାରୀ ଆଇନ୍ ୫୨ଏ ଓଡିଶା ଏକ୍ସାଇଜ ଆକ୍ଟରେ ମହିଳାଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

# ଦୁର୍ଘଟଣାରେ କର୍ମଚାରୀଙ୍କ ମୃତ୍ୟୁ, ପରିବାରକୁ ମିଳିବ କ୍ଷତିପୂରଣ

ଦାନଗଦି,୧୪।୫(ସମିସ) : ନୀଳାଚଳ କାରଖାନା ଏସ୍ଏମ୍ଏସ୍ ସାଇଡ୍‌ରେ ଗତକାଲି ଉପରୁ ଖସିପଡ଼ି ଜଣେ ଯୁବ ଇଞ୍ଜିନିୟରଙ୍କ ମୃତ୍ୟୁ ଘଟିଥିଲା। ମୃତ ଇଞ୍ଜିନିୟରଙ୍କ ଘର କେନ୍ଦୁଝର ଜିଲ୍ଲା ମଚ୍ଛାଳ ଗ୍ରାମରେ ଓ ତାଙ୍କ ନାଁ ଲିକୁନ ପାତ୍ରୀ ବୋଲି ଜଣାପଡିଛି। ଆଜି ମୃତକଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବି କରାଯାଇଥିଲା, କାରଖାନା କର୍ତ୍ତୃପକ୍ଷ, ପୁଲିସ ପ୍ରଶାସନ ମିଳିତ ଆଲୋଚନା ପରେ ମୃତକଙ୍କ ପରିବାରକୁ କମ୍ପାନୀ କ୍ଷତିପୂରଣ ବାବଦକୁ ୭ ଲକ୍ଷ ଟଙ୍କା, ମାସିକ ୩୬ ହଜାର ଟଙ୍କା, ପିଲାଙ୍କ ପାଇଁ ମାସକୁ ୬ ହଜାର ଟଙ୍କା ପ୍ରଦାନ କରାଯିବା ପାଇଁ ପ୍ରତିଶ୍ରୁତି ମିଳିଥିଲା। କାରଖାନା ତରଫରୁ ତାଙ୍କ ମର ଶରୀରକୁ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବ୍ୟବଚ୍ଛେଦ କରାଯାଇଛି।

# ପାଗଳ ମାଙ୍କଡ଼କୁ ଧରିବାରେ ବନ ବିଭାଗ ବିଫଳ



ବରୀ,୧୪।୫(ସମିସ): ବରୀ ବ୍ଲକର ଝିଙ୍କରଡିହ, ଇଶାଣପୁର, ପଟଣା ଆଦି ଗ୍ରାମରେ ଏକ ପାଗଳ ମାଙ୍କଡ ଉପଦ୍ରବ ନେଇ ବାରମ୍ବାର ଅଭିଯୋଗ ଓ ଗଣ ମାଧ୍ୟମରେ ଖବର ପ୍ରକାଶିତ ହୋଇ ଆସୁଥିଲା। ଘଟଣାକୁ ଗୁରୁତ୍ୱ ଦେଇ ଗୁରୁବାର ଦିନ ବନ ବିଭାଗ ବିଂଝାରପୁର ସେକସନର ଫରେଷ୍ଟର ସାବିତ୍ରୀ ଦାସ ଓ ଫରେଷ୍ଟ ଗାର୍ଡ ଦକ୍ଷିଣ ସୋରେନଙ୍କ ସମେତ ଅନ୍ୟ ତିନି ଜଣ ମଙ୍କି ସ୍କ୍ୱାର୍ଡ ସଦସ୍ୟ ଘଟଣା ସ୍ଥଳରେ ପହଞ୍ଚି ମାଙ୍କଡ଼ଟିକୁ କାବୁ କରିବାକୁ ଚେଷ୍ଟା କରି ବିଫଳ ହୋଇ ଫେରି ଯାଇଥିବା ଜଣା ପଡିଛି। ପାଗଳ ମାଙ୍କଡଟିକୁ ଚିହ୍ନଟ କରା ଯାଇଥିଲେ ହେଁ ଏହି ସ୍ଥାନରେ ବିଭିନ୍ନ ପ୍ରକାରର ଉଚ୍ଚ ଉଚ୍ଚ ଗଛ ସବୁ ରହି ଥିବାରୁ ମାଙ୍କଡ଼ ନିକଟରେ ପହିବା ସମ୍ଭବ ହୋଇ ପାରୁନାହିଁ। ପରବର୍ତ୍ତୀ ସମୟରେ ଯନ୍ତା ବସାଇ ଧରିବାକୁ ଉଦ୍ୟମ କରାଯିବ ବୋଲି ଫରେଷ୍ଟର ଶ୍ରୀମତୀ ଦାସ ପ୍ରକାଶ କରିଛନ୍ତି।

# ଜିଲ୍ଲା ଟପର ଶୁଭମ୍‌ଙ୍କୁ ସମ୍ବର୍ଦ୍ଧିତ କଲେ ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ



ବ୍ରହ୍ମବରଦା,୧୪।୫(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଯାଜପୁର ଜିଲ୍ଲାରେ ସର୍ବାଧିକ ୫୭୩ ନମ୍ବର୍ ରଖି ଯାଜପୁରର ଗୌରବ ବଢ଼ାଇଥିବା ଯାଜପୁର ବ୍ଲକ୍ ଝାଲପଡ଼ା ଗ୍ରାମପଞ୍ଚାୟତର କାକୁଡ଼ିକୁଦ ଅଞ୍ଚଳର ମେଧାବୀ ଛାତ୍ର ଶୁଭମ୍ ସାହୁଙ୍କ ବାସଭବନ ପହଞ୍ଚି ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯାଜପୁର ଆଞ୍ଚଳର ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ବଳରେ ଶୁଭମ୍ ଏତେ ବଡ଼ ସଫଳତା ପାଇଥିବା ରୁ ଶ୍ରୀମତି ସେଠୀ ତାଙ୍କୁ ପ୍ରଶଂସା କରିଥିଲେ।

## ମଙ୍ଗଳପୁର-ବଡ଼କୁଆଁଲ ରାସ୍ତା

# ସେତୁ କାର୍ଯ୍ୟ ନିମ୍ନମାନର; ବଢୁଛି ଅସନ୍ତୋଷ



କୟାଁଗୋଲା,୧୪।୫(ସମିସ): ସରକାର ଗ୍ରାମ୍ୟ ରାସ୍ତାକୁ ସୁଦୃଢ଼, ପକ୍କା ଏବଂ ଦୀର୍ଘସ୍ଥାୟୀ କରିବା ପାଇଁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା କାର୍ଯ୍ୟକାରୀ କରିଥିଲେ ମାତ୍ର କେତେକ ବିଭାଗୀୟ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ ଠିକାଦାରଙ୍କ ଅସାଧୁ ମେଣ୍ଟ ଯୋଗୁଁ ଏହାର ସୁଫଳ ମିଳି ପାରୁ ନାହିଁ। ରାସ୍ତାର ମାନ ଅନୁଯାୟୀ ଠିକାଦାରଙ୍କ ମର୍ଜିରେ ହେବା ଯୋଗୁଁ ରାସ୍ତା କାର୍ଯ୍ୟ ସଂପୂର୍ଣ୍ଣ ହେବାର ଅଳ୍ପ ଦିନ ମଧ୍ୟରେ କେଉଁଠି ଫାଟି ଆଁ କଲାଣି ତ କେଉଁଠି ଦବି ଗଲାଣି। ଏହି କ୍ରମରେ ଯାଜପୁର ଜିଲ୍ଲାର ଦଶରଥପୁର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଠାରୁ ବଡ଼କୁଆଁଲ ପର୍ଯ୍ୟନ୍ତ ନିର୍ମାଣଧୀନ ହେଉଥିବା ରାସ୍ତା ଓ ସେତୁ. ଯାହାକି ନିମ୍ନମାନର ସାମଗ୍ରୀ ବ୍ୟବହାର ହେଉଥିବା ଅଭିଯୋଗ ଉଠିଛି। ଅଞ୍ଚଳବାସୀଙ୍କ କହିବା ଅନୁସାରେ ନିର୍ମାଣ କାର୍ଯ୍ୟରେ ଉଚିତ୍ ମାନର ଚିପ୍ସ, ବାଲି, ସିମେଣ୍ଟ, ପିରୁ, ରଡ୍ ବ୍ୟବହାର କରାଯାଉନଥିବାରୁ କମ୍ ଦିନ ମଧ୍ୟରେ ରାସ୍ତା ଖରାପ ହେବାକୁ ବସିଛି। ଏହି ରାସ୍ତା ଉପରେ ଦଶରଥପୁର ଅଞ୍ଚଳର ଜନସାଧାରଣଙ୍କ ସହ ବିଂଝାରପୁର ବ୍ଲକ୍, କେନ୍ଦ୍ରାପଡ଼ା ଜିଲ୍ଲାର ଜନ ସାଧାରଣ ଗମନାଗମନ ଓ ସାମଗ୍ରୀ ନେବା ଆଣିବାରେ ନିର୍ଭର କରିଥାନ୍ତି. ବର୍ତ୍ତମାନ ରାସ୍ତା ଉପରେ ସ୍ଥାନେ ସ୍ଥାନେ ନିର୍ମାଣ ଚାଲୁଥିବା ସେତୁ ରେ ନିୟୋଜିତ ଥିବା ଶ୍ରମିକ ବିନା ସୁରକ୍ଷା ସରଞ୍ଜାମ ରେ ଅପରାହ୍ନ ୧ଘଟିକା ଯାଏ ଧୁ ଧୁ ଖରାରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏଠି ଖୋଲାଖୋଲି ଭାବେ ଶ୍ରମିକଙ୍କ ସୁରକ୍ଷା ନିତି ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। କୋଟି କୋଟି ଟଙ୍କାର ନିର୍ମିତ ସେତୁ ରାସ୍ତା ନଷ୍ଟ ହେବା ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ତେଣୁ ଉକ୍ତ ରାସ୍ତା କାର୍ଯ୍ୟରେ ହୋଇଥିବା ଅନିୟମିତତା ର ତଦନ୍ତ କରାଯିବା ସହ ଗତ ମାସରେ ଧସିଥିବା ରାସ୍ତାକୁ ତୁରନ୍ତ ମରାମତି କରି ଯାତାୟାତ ଉପଯୋଗୀ କରିବାକୁ ସାଧାରଣରେ ଦାବି ହେଉଛି। କାର୍ଯ୍ୟ ନିର୍ମାଣସ୍ଥଳୀ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁ ନଥିବା ଦେଖିବାକୁ ମିଳିଛି।

# ଦାନଗଦି ବ୍ଲକ ଓଷ୍ଟା ସଂଘର ସାମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ



ଦାନଗଦି,୧୪।୫(ସମିସ) : ଦାନଗଦି ବ୍ଲକ ଓଷ୍ଟା ସଂଘର ସମ୍ବିଧାନିକ ସମ୍ମିଳନୀ ଓ କର୍ମକର୍ତ୍ତା ଚୟନ ବୁଦ୍ଧରାଜ ବିଦ୍ୟାପୀଠ ଦାନଗଦି ପରିସରରେ ସଙ୍ଘର ସମ୍ପାଦକ ଅଶୋକ କୁମାର ବେହେରା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଓଷ୍ଟା ର ସମ୍ପାଦକ ପବିତ୍ର କୁମାର ପଣ୍ଡା ଏହି ସମ୍ମିଳନୀ କୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଲ୍ଲିଶ୍ରୀ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ଅଜୟ କୁମାର ପଣ୍ଡା, ଯୁଗପ୍ରଭା ସାବତ, ଦିବ୍ୟାଲୋଚନ ମହାପାତ୍ର, ପ୍ରଭାକର ସାହୁ, ଅମୂଲ୍ୟ କୁମାର ନାୟକ, ରମେଶ ଚନ୍ଦ୍ର ବେହେରା , ପ୍ରଫୁଲ୍ଲ କୁମାର ବେହେରା ଯୋଗ ଦେଇଥିଲେ। ଉକ୍ତ ସଭା ରେ ଆଗାମି ତିନିବର୍ଷ ପାଇଁ ନୂତନ କର୍ମକର୍ତ୍ତା ଭାବରେ ପ୍ରଭାକର ରାଉତ ସଭାପତି, ସାରଙ୍ଗଧର ସାହୁ, ସୌଭାଗ୍ୟ ଲକ୍ଷ୍ମୀ ରାଉତ ଉପ ସଭାପତି,ଜ୍ୟୋତିକୃଷ୍ଣ ସାହୁ ସମ୍ପାଦକ , ସହ ସମ୍ପାଦକ ଭାବେ ହରେକୃଷ୍ଣ ମହାନ୍ତ, ସୁରଭି ଓରାମ, ସୌରଭ ରଞ୍ଜନ ପତି, ଚିନ୍ମୟ କୁମାର ରଥ, ସୁଶାନ୍ତ କୁମାର ଜେନା, ଦିବ୍ୟାଲୋଚନ୍ ସ୍ୱାଇଁ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ, ଦୀପକ କୁମାର ପୃଷ୍ଟି, ମନୋରଞ୍ଜନ ସାହୁ, ମମତା ରାଣୀ ପୂର୍ତ୍ତି, ସୁଶାନ୍ତ କୁମାର ଭୂୟାଁ, ପୂର୍ଣ୍ଣ ଚନ୍ଦ୍ର ବେହେରା ଜିଲ୍ଲା ପରିଷଦ ସଭ୍ୟ ଭାବରେ ମନୋନୀତ କରାଯାଇଥିଲା। ସର୍ବଶେଷ ରେ ପୂର୍ବତନ ସଂପାଦକ ଅଶୋକ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କର୍ଯ୍ୟ କ୍ରମ ପରିଚାଳନା ରେ ପ୍ରଫୁଲ୍ଲକୁମାର ରାୟ, ବନମାଳି ନାୟକ, ଗୋଲେଖବିହାରୀ ସାହୁ, ଶରତ କୁମାର ସାହୁ, ଦେବବ୍ରତ ମହାନ୍ତି, ଗୌରାଙ୍ଗ ବୁଡୁଲି, ରଞ୍ଜିତ୍ କୁମାର ରାଉତ, ସନାତନ ବେହେରା, ମନୋଜ କୁମାର ବିଶ୍ୱାଳ, ସମୀରରଞ୍ଜନ ସ୍ୱାଇଁ, କୃଷ୍ଣ କାନ୍ତ ସାହୁ , ଦାଧିବାବନ୍ ସାହୁ ସହଯୋଗ କରିଥିଲେ।"

# ଲକ୍ଷ୍ନୌଠାରେ ଏନ୍‌ସିଇବିର ପ୍ରତିଷ୍ଠା ଦିବସରେ ସୁଦାମ ଦାସ ସମ୍ମାନିତ




ମଧୁବନ,୧୪।୫(ସମିସ): ଅପରାଧ ଓ ଦୁର୍ନୀତିକୁ ହ୍ରାସ କରିବା ନିମନ୍ତେ ସାରା ଭାରତରେ ସରକାରୀ ନିୟମ କାନୁନ ଅନୁସାରେ କାର୍ଯ୍ୟ କରୁଥିବା ରାଷ୍ଟ୍ରୀୟ ଅପରାଧ ଯାଞ୍ଚ ବ୍ୟୁରୋ (ଏନ୍‌ସିଇବି) ର ପ୍ରତିଷ୍ଠା ଦିବସ ଲକ୍ଷ୍ନୌଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସାରା ଭାରତରୁ ଯୋଗ ଦେଇଥିବା ବିଭିନ୍ନ ରାଜ୍ୟର ପ୍ରମୁଖ ଅଧିକାରୀଙ୍କ ମଧ୍ୟରୁ ଓଡ଼ିଶାର ନିର୍ଦ୍ଦେଶକ ସୁଦାମ ଚରଣ ଦାସଙ୍କୁ ତାଙ୍କର ଉତ୍କୃଷ୍ଟ ସଂଗଠନାତ୍ମକ କାର୍ଯ୍ୟ ଶୈଳୀ ସମାଜ ସଚେତନତା ଓ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ ସକ୍ରିୟ ଭୂମିକା ପାଇଁ ଏହି ଭବ୍ୟ ସମାରୋହରେ ସର୍ବଶ୍ରେଷ୍ଠ ପୁରସ୍କାର ପ୍ଲାଟିନମ୍ ଏକ୍ସଲେନ୍ସ ଅୱାର୍ଡ ପ୍ରଦାନ କରାଯାଇଛି। ଏହା ସହିତ ଓଡ଼ିଶାର ଅନ୍ୟ ଅଫିସର ମାନଙ୍କ ମଧ୍ୟରୁ ବୈଦନାଥ ସାହୁ, ମନୋଜ କୁମାର ଚକ୍ର, ସୁରେଶ କୁମାର ନାୟକଙ୍କୁ ସପୋର୍ଟ ଏକ୍ସସିଲେନ୍ସ ଅୱାର୍ଡ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏହି ସମ୍ମାନ ଖବର ପ୍ରଚାରିତ ହେବା ପରେ ଓଡ଼ଶା ସହ ସଂଗଠନର ବିଭିନ୍ନ ଶାଖାରୁ ସୁଦାମ ଚରଣ ଦାସ ଓ ଅନ୍ୟ ସମ୍ମାନିତ ଅଫିସରଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ସଂଗଠନର କର୍ମକର୍ତ୍ତା ଓ ସମର୍ଥକ ମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ସମାରୋହ ସଂଗଠନର ଜାତୀୟସ୍ତରର କର୍ମକର୍ତ୍ତାମାନେ ଉପସ୍ଥିତ ରହି ସମାଜରେ ଅପରାଧ, ଦୁର୍ନୀତି ମାନବ ତସ୍କରୀ ସାଇବର ଅପରାଧ ଓ ଶିଶୁ ସୁରକ୍ଷା ପ୍ରତି ସଚେତନତା ଜାରି ରଖିବାକୁ ଆହ୍ୱାନ କରିଥିଲେ।

# ସର୍ବ ପୁରାତନ ଧନପୁର ବାଦିପାଲା ଉଦ୍‌ଯାପିତ



ପାଣିକୋଇଲି, ୧୪।୫: କୋରେଇ ବ୍ଲକ ଅନ୍ତର୍ଗତ ଧନେଶ୍ୱର ପଂଚାୟତର ଧନପୁର ଗ୍ରାମର ୧୫୮ ବର୍ଷର ସର୍ବ ପୁରାତନ ବାଦିପାଲା ଉଦଯାପିତ ହୋଇଛି। ପଂଚ ଦ୍ୱିବସୀୟ ଏହି ବାଦି ପାଲାର ଶେଷ ଦିନରେ ଅନୁଷ୍ଠାନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଦୀପ ସ୍ୱାଇଁ ଓ ପ ପ୍ରଦୀପ ମାଝୀଙ୍କ ପରିଚାଳନାରେ ସୀତାରାମ ସେବା ସମିତି ଆନୁକୂଲ୍ୟୋର ଦୁଇ ଗାୟକ ଡକ୍ଟର ଲମ୍ବୋଦରୀ ବେହେରା ଓ ଡକ୍ଟର ଅଭିରାମ ଶତପଥିଙ୍କୁ ଉପଢୌକନ, ମାନପତ୍ର ଓ ପୁଷ୍ପଗୁଚ୍ଛ ଦେଇ ସର୍ମ୍ବିତ କରାଯାଇଥିଲା। ଅତିଥିଭାବେ କୋରେଇ ଥାନାଧିକାରୀ ରାକେଶ ତ୍ରୀପାଠୀ ଓ ପାଣିକୋଇଲି ଥାନାଧିକାରୀ ରଂଜିତ ମହାନ୍ତି ଓ ସମାଜସେବୀ ଶରତ ଚନ୍ଦ୍ର ଦାଶ ଯୋଗେଦଇଥିଲେ। ଦୀର୍ଘ ୧୫୮ ବର୍ଷ ଧରି ଅନୁଷ୍ଠାନକୁ ବଜାର ରଖିବାରେ ଗ୍ରାମବାସୀଙ୍କ ଭୂମିକା ଅତିଥି ମାନେ ବେଶ ପ୍ରସଂଶା କରିଥିଲେ। ଅନୁଷ୍ଠାନ ପକ୍ଷରୁ ଅତିଥି ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଗ୍ରାମ ମୁରବୀ ଶ୍ରୀଧର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମର ସମସ୍ତ ଯୁବକ ମାନେ ସହଯୋଗ କରିଥିଲେ।

# ଉତ୍କଳମଣି ସେବା ସଂଗଠନ ପକ୍ଷରୁ ବସ୍ତ୍ର ଓ ଶୁଖିଲା ଖାଦ୍ୟ ବଣ୍ଟନ



ଜେନାପୁର,୧୪।୫(ସମିସ): ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ଅଞ୍ଚଳରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଭାବେ ଗଢ଼ିଉଠିଥିବା ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ଶୁଖିଲା ଖାଦ୍ୟ ଓ ନୂତନ ବସ୍ତ୍ର ବଣ୍ଟନ କରାଯାଇଛି। ବିଶିଷ୍ଟ ସମାଜ ସେବୀ ତଥା ସଂଗଠନର ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଅଜୟ କୁମାର ଦାସଙ୍କ ଅନୁଦାନରେ ଜେନାପୁର ଅଞ୍ଚଳର କିଛି ଅସହାୟ ବ୍ୟକ୍ତି, ମହିଳା ଓ ଭିନ୍ନକ୍ଷମ ମାନଙ୍କୁ ନୂତନ ବସ୍ତ୍ର ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂଗଠନର ସଭାପତି ଲୋକନାଥ ପୁରୀ, ଉପସଭାପତି ମାନସ ମାହାନ୍ତି, ସମ୍ପାଦକ ମହେଶ୍ୱର ଖଟୁଆ, କୋଷାଧ୍ୟକ୍ଷ ରାମଚନ୍ଦ୍ର ମହାନ୍ତି, ସଂଯୋଜକ ନିଷ୍କାନ୍ତ ଖଟୁଆ, ସାମ୍ବାଦିକ ଅଶୋକ କୁମାର ଦାସ ଓ ବିଭୁ ପ୍ରସାଦ ଦାସ ପ୍ରମୁଖ ଅଂଶଗ୍ରହଣ କରି ସହଯୋଗ କରିଥିଲେ। ଏହିପରି ସେବା ମୂଳକ କାର୍ଯ୍ୟକୁ ବୃଦ୍ଧିଜୀବୀ ପ୍ରଶଂସା କରିଥିଲେ।

# ପରିବହନ ବିଭାଗ ପକ୍ଷରୁ ଅଂଶୁଘାତ ସଚେତନତା




ପାଣିକୋଇଲି, ୧୪।୫: ବର୍ତ୍ତମାନ ପ୍ରଚଣ୍ଡ ରୌଦ୍ରତାପକୁ ଆଖି ଆଗରେ ରଖି ଯାଜପୁର ପରିବହନ ବିଭାଗ ପକ୍ଷରୁ ଯାତ୍ରୀମାନଙ୍କ ପାଇଁ ସଚେତନତା ବାର୍ତ୍ତା ଆରମ୍ଭ କରିଛନ୍ତି। ଅଂଶୁଘାତକୁ କିପରି ମୁକାବିଲା କରାଯାଇ ପାରିବ ଓ ନେଇ କି ସତର୍କତା ଅବଲମ୍ବନ କରାଯାଇ ପାରିବ ସେ ସମ୍ପର୍କୀତ ପ୍ରାଚୀରପତ୍ର (ପୋଷ୍ଟର) ପ୍ରତି ଯାତ୍ରୀବାହୀ ବସ ପଛରେ ଲଗାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଏଟିଏସଆଇ ରାଜେଶ ମଙ୍ଗରାଜ, ଟି କିଶୋର କୁମାର ପ୍ରମୁଖ ସାମିଲ ହୋଇଥିଲେ।

## ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜଲି ଯୋଜନା

# ୧ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କ ଘରେ ଶୂନ୍ୟ ୟୁନିଟ ବିଲିଂ

ଯାଜପୁର,୧୪।୫(ସମିସ)



ସରକାରଙ୍କ ପିଏମ୍ ସୂର୍ଯ୍ୟଘର ମୁଫ୍‌ତ ବିଜୁଳି ଯୋଜନାରେ ଘର ଛାତରେ ସୋଲାର ପ୍ୟାନେଲ ସ୍ଥାପନ କରି ଉପଭୋକ୍ତମାନେ ନିଜର ବିଜୁଳି ବିଲ୍‌ରେ ଆଶାତୀତ ହ୍ରାସ କରିଛନ୍ତି। ଯାଜପୁର ଜିଲ୍ଲାର ପାଖାପାଖି ୧୦୦୦ଜଣ ଉପଭୋକ୍ତାଙ୍କ ଘରେ ବିଜୁଳି ବିଲ୍ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ହୋଇଥିବା ଦେଖିବାକୁ ମିଳିଛି। ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ୍), ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନା ସହିତ ଏହି ଯୋଜନା ଅନ୍ତର୍ଗତ ୟୁଟିଲିଟି ଲେଡ ଏଗ୍ରିଗେସନ (ୟୁଏଲ୍ଏ) ମଡେଲ୍ ଅଧୀନରେ ରୁଫଟପ୍ ସୋଲାର ସ୍ଥାପନକୁ ଆହୁରି ତ୍ୱରାନ୍ୱିତ କରିଛି। ସଂସ୍ଥା ପକ୍ଷରୁ ୧-କିଲୋୱାଟ୍ ବିଦ୍ୟୁତ୍ ସଂଯୁକ୍ତ ଘରୋଇ ଉପଭୋକ୍ତାଙ୍କୁ ଏବେ ମାତ୍ର ୧୮୭୫ ଟଙ୍କାରେ ଉଚ୍ଚ ଗୁଣମାନ ଓ ସୁରକ୍ଷିତ ସୌର ପ୍ୟାନେଲ ସ୍ଥାପନା କରାଯାଉଛି ଓ ଏହା ସହ ମିଟର ଦେୟ ବାବଦକୁ ସମାନ ମାସିକ କିସ୍ତି(ଇଏମଆଇ)ର ସୁବିଧା ଲାଗୁ କରାଯାଇଛି। ପିଏମ୍ ସୂର୍ଯ୍ୟ ଘର ଯୋଜନା ଅଧିନରେ ଏଯାବତ ଯାଜପୁର ଜିଲ୍ଲାରେ ୩,୯୨୭ ଜଣ ଉପଭୋକ୍ତା ନିଜ ଘରେ ସୌର ପ୍ୟାନେଲ ସ୍ଥାପନା କରିଥିବା ସୂଚନା ମିଳିଛି। ଯାଜପୁର ବୈଦ୍ୟୁତିକ ମଣ୍ଡଳ ଅଧିନରେ ଯାଜପୁର ରୋଡ୍ ଡିଭିଜନରେ ୧୩୮୮, ଯାଜପୁର ଟାଉନରେ ୧୩୯୯ ଓ କୁଆଖିଆରେ ୧୧୪୦ଜଣ ଉପଭୋକ୍ତା ପିଏମ ସୂର୍ଯ୍ୟ ଘର ଯୋଜନାରେ ସୌର ପ୍ୟାନେଲ ସ୍ଥାପନା କରିଛନ୍ତି। ସେମାନଙ୍କ ମଧ୍ୟରୁ ୧୦୦୦ରୁ ଅଧିକ ଉପଭୋକ୍ତାଙ୍କ ଘରେ ବିଗତ ମାସରେ ଶୂନ୍ୟ ୟୁନିଟ ମାସିକ ବିଲ୍ ଆସିଛି। ଏହା ସହ ଅନ୍ୟ ଉପଭୋକ୍ତାଙ୍କ ବିଲିଂରେ ମଧ୍ୟ ଆଶାତୀତ ହ୍ରାସ ଘଟିଥିବା ସେମାନେ ଦର୍ଶାଇବା ସହ ଏହାକୁ ନେଇ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ଯାଜପୁର ଟାଉନ ଅଞ୍ଚଳର ଗଗନ କୁମାର ସେଠୀ କହନ୍ତି ଯେ, ସେ ବିଗତ ଦୁଇ ମାସ ହେବ ୧-କିଲୋୱାଟର ସୋଲାର ପ୍ୟାନେଲ ଘରେ ସ୍ଥାପନ କରିଛନ୍ତି। ଦୁଇ ମାସ ହେଲା ବିଦ୍ୟୁତ ଦେୟ ବାବଦକୁ ଶୂନ୍ୟ ୟୁନିଟ ବିଲିଂ ମଧ୍ୟ ହୋଇଛି। ଏହି ଯୋଜନା ତାଙ୍କ ପରିବାର ପାଇଁ ବେଶ୍ ସହାୟକ ହୋଇଥିବା ସେ କହିଛନ୍ତି। ପିଏମ ସୂର୍ଯ୍ୟଘର ଯୋଜନାରେ ୩କିଲୋୱାଟ ସୋଲାର ବ୍ୟବସ୍ଥା ସ୍ଥାପନ କରିଥିବା ଜ୍ୟୋତିରଞ୍ଜନ ପଣ୍ଡା କହିଛନ୍ତି ଯେ, ଆଗରୁ ମାସିକ ବିଜୁଳି ବିଲ୍ ବହୁତ ଆସୁଥିଲା। ସୋଲାର ବ୍ୟବସ୍ଥା କରିବା ପରେ ମାସିକ ବିଲ୍ ଅଧାରୁ ଅଧିକ କମି ଯାଇଛି। ପ୍ରାୟ ୩ଶହ ୟୁନିଟ ବିଦ୍ୟୁତ୍ ସୋଲାର ପ୍ୟାନେଲ୍‌ରୁ ଉତ୍ପାଦନ ହେଉଥିବା ମଧ୍ୟ ସେ ଦର୍ଶାଇଛନ୍ତି। ତେବେ କେନ୍ଦ୍ର ଅକ୍ଷୟ ଶକ୍ତି ମନ୍ତ୍ରାଳୟ ପକ୍ଷରୁ ମେ' ମାସକୁ "ସୌର ମାସ' ଭାବେ ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ଏହି ଯୋଜନା ବିଷୟରେ ଟିପିଏନଓଡିଏଲ ପକ୍ଷରୁ ବହୁବିଧ ଜନ ସଚେତନତା କାର୍ଯ୍ୟକ୍ରମ ଜାରି ରହିଛି। ପିଏମ୍ ସୂର୍ଯ୍ୟଘର ଯୋଜନା ସମ୍ପର୍କରେ ଅଧିକ ଜାଣିବା ପାଇଁ ଉପଭୋକ୍ତାମାନେ ନିକଟସ୍ଥ ଟିପିଏନଓଡିଏଲ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ସମସ୍ତ ସୂଚନା ପାଇ ପାରିବେ।

## ● ପିଡିଏସ୍ ଗହମ ହେର୍‌ଫେର୍ ଅଭିଯୋଗ

# ୭ ଡିଲରଙ୍କୁ ୧.୨୩ ଲକ୍ଷ ଟଙ୍କା ଜମା ନିର୍ଦ୍ଦେଶ

ବିଞ୍ଝାରପୁର,୧୪।୫(ସମିସ): ୨୦୨୨ ମସିହା ଅଗଷ୍ଟ ୨୨ ତାରିଖରେ ସରକାରୀ ଖୁଚୁରା ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଯୋଜନା ଅଧୀନରେ ବ୍ଲକ ଯୋଗାଣ ବିଭାଗକୁ ଆସିଥିବା ଗହମ ହିତାଧିକାରୀମାନଙ୍କୁ ବଣ୍ଟନ ନ କରି ହେରଫେର କରାଯାଇଥିବା ଅଭିଯୋଗ ହୋଇଆସୁଥିଲା। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ପାଇଁ ସୂଚନା ଅଧିକାର କର୍ମୀ ରାଣା ପ୍ରତାପ ମହାପାତ୍ର ଯାଜପୁର ଉପଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଉପଜିଲ୍ଲାପାଳ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ୭ ଜଣ ଡିଲରଙ୍କ ବିରୋଧରେ କଠୋର ପଦକ୍ଷେପ ନେବାକୁ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପତ୍ରାଙ୍କ ୩୪୦/୨୬ ମାଧ୍ୟମରେ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଏହି ୭ ଜଣ ରିଟେଲରଙ୍କ ଠାରୁ ମୋଟ ୧ ଲକ୍ଷ ୨୩ ହଜାର ୭୫୬ ଟଙ୍କା ସରକାରୀ ଖାତାରେ ୭ ଦିନ ମଧ୍ୟରେ ଜମା କରିବାକୁ କୁହାଯାଇଛି। ତଦନ୍ତରେ ବିଞ୍ଝାରପୁର ଯୋଗାଣ ବିଭାଗ ଅଧୀନରେ ଥିବା ରିଟେଲର ଅକ୍ଷୟ କୁମାର ମହାନ୍ତି, ବସନ୍ତଲତା ରାଉଳ, ଶ୍ରୀବନ୍ତ ବାରିକ, ଅନ୍‌ୱର ଅଲି ଖାନ, ବସନ୍ତଲତା ମଲ୍ଲିକ ଓ ହଳଧର ସୁତାରଙ୍କ ଦ୍ୱାରା ପିଡିଏସ୍ ଗହମ ହେରଫେର ହୋଇଥିବା ସ୍ପଷ୍ଟ ହୋଇଛି। ସେମାନଙ୍କୁ ନିର୍ଦ୍ଧାରିତ ଅର୍ଥ ୭ ଦିନ ମଧ୍ୟରେ ଜମା ଅର୍ଥ ରିବାକୁ କୁହାଯାଇଛି। ଏହାସହ ପ୍ରଣତିଲତା ବେହେରା ନାମକ ଜଣେ ଡିଲର ବର୍ତ୍ତମାନ ସକ୍ରିୟ ନଥିଲେ ମଧ୍ୟ ୭.୦୫ କ୍ୱିଣ୍ଟାଲ ଗହମ ହେରଫେର କରିଥିବା ଅଭିଯୋଗ ରହିଛି। ତାଙ୍କ ବିରୋଧରେ ଓଡ଼ିଶା ପବ୍ଲିକ ଡିମାଣ୍ଡସ୍ ରିକଭରି (ଓପିଡିଆର୍) ଆଇନ ଅନୁସାରେ ସାର୍ଟିଫିକେଟ୍ ମାମଲା ରୁଜୁ କରି ଟଙ୍କା ଆଦାୟ ପାଇଁ ପଦକ୍ଷେପ ନିଆଯାଉଛି। ଯାଜପୁର ଅତିରିକ୍ତ ସିଏସ୍‌ଓ (ସଦର)ଙ୍କ ଏହି ନିର୍ଦ୍ଦେଶନାମା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମାଧ୍ୟମରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଘଟଣା ପ୍ରକାଶ ପାଇବା ପରେ ପିଡିଏସ୍ ବ୍ୟବସ୍ଥାର ସ୍ୱଚ୍ଛତା ଓ ନିରୀକ୍ଷଣ ପ୍ରକ୍ରିୟାକୁ ନେଇ ସାଧାରଣ ମହଲରେ ଚର୍ଚ୍ଚା ଜୋରଦାର ହୋଇଛି।

ଡ୍ରେନେଜ ପୁନରୁଦ୍ଧାର ଦାବି

# ବର୍ଷା ହେଲେ ଜଳମଗ୍ନ ହେଉଛି ଗାଁ ଦାଣ୍ଡ

ବାରିକପୁର, ୧୪।୫(ସମିସ)



ଭଣ୍ଡାରିପୋଖରୀ ବ୍ଲକ ପରିସୀମା ମଧ୍ୟରେ ରହିଥିବା କେତେକ ଡ୍ରେନେଜ୍ ନାଳକୁ ଚଳିତ ବର୍ଷ ସଫେଇ କରାଯାଇଛି। ଏହାସତ୍ତ୍ୱେ ଅନ୍ୟ କିଛି ଗୁରୁତ୍ୱପୂର୍ଣ୍ଣ ନାଳ ଉପରେ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ସୂଚନା ମୁତାବକ, ବୟାବନାପୁର ଡ୍ରେନେଜ୍ ନାଳଟି ଏଯାଏଁ ପୁନରୁଦ୍ଧାର ହୋଇନାହିଁ। ଏହା ସଂଯୁକ୍ତ କଟିଂ ନାଳର ସଫେଇ କାର୍ଯ୍ୟ ଇତିମଧ୍ୟରେ ଶେଷ ହୋଇଥିଲେ ସୁଦ୍ଧା ମାତ୍ର ୩୦୦ ମିଟର ବୟାବନାପୁର ଗାଁକୁ ଲାଗି ରହିଥିବା ଗୁରୁତ୍ୱପୂର୍ଣ୍ଣ ସ୍ଥାନଟିକୁ ଏଯାଏଁ ସଫେଇ କରାଯାଇନାହିଁ। କଟିଂନାଳ ସହିତ ଯୋଡ଼ି ହୋଇଥିବା ଉକ୍ତ ଅଂଶଟି ୩ନମ୍ବର ହାଇଲେବୁଲ କେନାଲ ସାଇଫନଠାରୁ ବାହାରିଛି। ଏହି ବାଟ ଦେଇ ବର୍ଷା ଦିନେ ସୁଦୂର ହାଟଡିହୀ, ବନ୍ତ ଓ ମଞ୍ଜୁରୀ ରୋଡ୍ ଅଞ୍ଚଳର ଉଦ୍ବୃତ ଜଳ ନିଷ୍କାସନ ହୋଇଥାଏ। ବର୍ଷା ଅଧିକ ହେଲେ ବୟାବନପୁର ଗାଁ ସହିତ ନାଳ ନିକଟରେ ଥିବା ଖେଳପଡ଼ିଆ, ଚାଷ ଜମି ଓ ବିଭିନ୍ନ ସାହି ରାସ୍ତା ଜଳମଗ୍ନ ହୋଇଯାଏ। ପାଖାପାଖି ୧୦ ବର୍ଷରୁ ଅଧିକ ହେବ ଏହି ନାଳର ସଫେଇ ହୋଇନାହିଁ। ଫଳରେ ଜଳ ନିଷ୍କାସନରେ ଘୋର୍ ବାଧା ସୃଷ୍ଟି ହେଉଛି। ଗୁରୁତ୍ୱ ଦୃଷ୍ଟିରୁ ଏହାକୁ ପୁନରୁଦ୍ଧାର ପାଇଁ ପୂର୍ବ ବର୍ଷମାନଙ୍କରେ ବିଭାଗକୁ କୁହାଯାଇଥିବା ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଅନ୍ୟ ସ୍ଥାନରେ ନାଳ ସଫେଇ ହେଉଥିଲେ ମଧ୍ୟ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ମଧ୍ୟ ଦାବି କରିଛନ୍ତି ଶ୍ରୀ ସାହୁ। ଏପର୍ଯ୍ୟନ୍ତ ନାଳ ସଫେଇ ନେଇ କିଛି ସୂଚନା ମିଳିନାହିଁ। ଆଗକୁ ବର୍ଷା ଦିନ ଆସୁଥିବାବେଳେ ନାଳ ସଫା ନ ହେଲେ ଗାଁ ଲୋକେ ଗତାନୁଗତିକ ଧାରାରେ ଦୁର୍ଦ୍ଦଶା ଭୋଗିବେ ଏଥିରେ ସନ୍ଦେହ ନାହିଁ। ତେଣୁ ଏହା ଉପରେ ତୁରନ୍ତ ଦୃଷ୍ଟି ଦେବାକୁ ଜିଲ୍ଲା ପରିଷଦ ସଦସ୍ୟ ଦାବି କରିଛନ୍ତି। ଏନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ମତାମତ ନେବାରୁ କ୍ଷେତ୍ର ପରିଦର୍ଶନ ପାଇଁ କନିଷ୍ଠ ଯନ୍ତ୍ରୀଙ୍କୁ ସେ କହିଥିବା ସୂଚନା ଦେଇଛନ୍ତି। ଏହାଛଡ଼ା ବର୍ଷା ଆସିବା ପୂର୍ବରୁ ଯଥାଶୀଘ୍ର ନାଳ ସଫେଇ ହେବ ବୋଲି ନିର୍ବାହୀ ଯନ୍ତ୍ରୀ କହିଛନ୍ତି।

## ଭୋଗରାଇ ରୋଟାରୀ କ୍ଲବ ପକ୍ଷରୁ ୧୧ ପ୍ରତିଭା ସମ୍ବର୍ଦ୍ଧିତ

ବାଲେଶ୍ୱର(ଉତ୍ତର), ୧୪।୫(ସମିସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ମଙ୍ଗଳବାର ସନ୍ଧ୍ୟାରେ ରୋଟାରୀ କ୍ଲବ ଅଫ୍ ନିଉ ଭିଜନ ପକ୍ଷରୁ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ପରିସରର ପଣ୍ଡିତ ପୁଣ୍ଡରୀ କାକ୍ଷ ମିଶ୍ରଙ୍କ ସମ୍ମିଳନୀ କକ୍ଷରେ ସାମାଜିକ କ୍ଷେତ୍ରରେ ଅସାଧାରଣ କାର୍ଯ୍ୟ କରିଥିବା ୧୧ ଜଣ ପ୍ରତିଭାଙ୍କୁ ଉକ୍ତ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କ୍ଲବର ସଭାପତି ଡ. ସତୀଶ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ବ୍ୟଙ୍ଗ କବି ଡ. ଶ୍ରୀକୁମାର ଘୋଷ ମଞ୍ଚ ସଞ୍ଚାଳନ କରିଥିଲେ। ସମ୍ପାଦକ ଡ଼ଃ ଅନୁପ କୁମାର ସାମଲ ଓ ରୋଟାରୀୟାନ ସୁନୀଲ କୁମାର କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ପ୍ରାନ୍ତପାଳ (ରୋଟାରୀ ଡ୍ରିଷ୍ଟିକ-୩୨୬୨) ରୋଟାରିୟାନ ମନୋଜ କୁମାର ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ଭାରତ ଜ୍ୟୋତି ପୁରସ୍କାର ପ୍ରାପ୍ତ ଡା ଶ୍ରୀଶ କୁମାର ଦାଶ, ବିଶିଷ୍ଟ ଅତିଥି ଡା ରବୀନ୍ଦ୍ର ନାଥ ସାହୁ, ବରିଷ୍ଠ ଶିକ୍ଷକ ବିପଦ ଭଞ୍ଜନ ମିଶ୍ର, ଉପଦେଷ୍ଟା ରୋଟାରୀୟାନ ସୁକୁମାର ରଣା, ରୋଟାରୀୟାନ ମିହିର କୁମାର ପ୍ରଧାନ, ଓଷ୍ଟାର ସମ୍ପାଦକ ଶାଶ୍ୱତ କୁମାର ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରିଣୀ ଜ୍ୟୋସ୍ନା ରାଣୀ ପଣ୍ଡା ପ୍ରମୁଖ ଯୋଗଦେଇ ରୋଟାରୀ କ୍ଲବର ଗରିମାମୟ କାର୍ଯ୍ୟଧାରା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଡା. ଶ୍ରୀଶ କୁମାର ଦାଶ, ଡା. ରବୀନ୍ଦ୍ର ନାଥ ସାହୁଙ୍କ ଚିକିତ୍ସା ରତ୍ନ, ଆଦର୍ଶ ଶିକ୍ଷକ ବିପଦ ଭଞ୍ଜନ ମିଶ୍ର, ବଂଶୀଧର ସାହୁ ଓ ବିଜୟ କୁମାର ମିଶ୍ରଙ୍କୁ ଶିକ୍ଷା ରତ୍ନ, ଶିକ୍ଷକ ଶାଶ୍ୱତ କୁମାର ଜେନା, ଜ୍ୟୋସ୍ନା ରାଣୀ ପଣ୍ଡା, ଜନାର୍ଦ୍ଦନ ବାରିକ, ରମେଶ ଚନ୍ଦ୍ର ସୁରଙ୍କୁ ଶିକ୍ଷକ ଗୌରବ ଓ ଚଳିତ ମେଟ୍ରିକ ପରୀକ୍ଷାରେ ଟପ୍ପର ନିରୁପମା ବଡ଼ାଇଙ୍କୁ ସୌମ୍ୟାଶ୍ରୀ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଧନ୍ୟବାଦ ଦେଇଥିଲେ ରୋଟାରୀୟାନ ମନୋରଞ୍ଜନ ଦାସ। କ୍ଲବର ସଦସ୍ୟ ରୋଟାରୀୟାନ ପରିତୋଷ ଦାସ, ଅଜୟ କୁମାର ଦାସମହାପାତ୍ର, ଦେବକୁମାର ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




## ଚୋରା ପଥର ବୋଝେଇ ୮ ଡମ୍ପର ଜବତ

ଜଳେଶ୍ୱର, ୧୪।୫ (ସମିସ): ଆଜି ଖଣି ବିଭାଗ ପକ୍ଷରୁ ଅତର୍କିତ ଚଢ଼ଉ ଫଳରେ ୮ଟି ବେଆଇନ୍ ପଥର ବୋଝେଇ ଡମ୍ପର ଜବତ କରାଯାଇଛି। ଲକ୍ଷ୍ମଣନାଥ ନିକଟ ଶ୍ରୀରାମପୁର ଠାରେ ଏହି ଡମ୍ପର ଗୁଡିକ ଯାଉଥିବା ବେଳେ ମାଇନିଂ ବିଭାଗ ହାତରେ ପଡ଼ିଥିଲା। ଏହି ପଥରଗାଡି ଗୁଡ଼ିକ ନୀଳଗିରି ଅଞ୍ଚଳରୁ ଆସି ସୁବର୍ଣ୍ଣରେଖା ନଦୀରେ ହେଉଥିବା ପେଚିଂ ଓ ସ୍ପୋର ନିର୍ମାଣରେ ବ୍ୟବହାର ପାଇଁ ଆସିଥିବା କନିଷ୍ଠ ଖଣି ଅଧିକାରୀ ତାପସ ବେହେରା କହିଛନ୍ତି। ସେହିପରି ବୁଧବାର ରାତିରେ ରାଜଘାଟ ଅଞ୍ଚଳରେ ଚଢାଉ କରି ସୁବର୍ଣ୍ଣରେଖା ନଦୀରୁ ୨ଟି ଡମ୍ପର ଚୋରାବାଲି ନେଇ ଆସୁଥିବା ବେଳେ ସେଗୁଡିକୁ ଜବତ୍ କରାଯାଇ ପୁଲିସ୍‌କୁ ହସ୍ତାନ୍ତର କରାଯାଇଛି।

## ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ଆରୋଶ୍ରୀତ ଟପ୍ପର

ବନ୍ତ/ଆଗରପଡ଼ା, ୧୪।୫(ସମିସ): ବନ୍ତ ବ୍ଲକ ଅନ୍ତର୍ଗତ ପଳାସଗଡ଼ିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଛାତ୍ର ଆରୋଶ୍ରୀତ ପାତ୍ର ସର୍ବାଧିକ ୯୨.୬ ପ୍ରତିଶତ ନମ୍ବର ରଖି ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପରୀକ୍ଷାରେ ଟପ୍ପର ହୋଇଛନ୍ତି। ସ୍ମୃତିରେଖା ନାୟକ ୯୦.୨ ଓ ହରେକୃଷ୍ଣ ସ୍ୱାଇଁ ୯୦ ପ୍ରତିଶତ ନମ୍ବର ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି।

## ପାଇଖାନା ଟାଙ୍କିରୁ ଷଣ୍ଢ ଉଦ୍ଧାର



ବାରିକପୁର, ୧୪।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ ତେସିଙ୍ଗା ପଞ୍ଚାୟତ ତୁଳପଦୀସ୍ଥିତ ଏକ ପାଇଖାନା ଟାଙ୍କିରୁ ଗୋଟିଏ ଷଣ୍ଢ ଉଦ୍ଧାର ହୋଇଛି। ଜନୈକ ବ୍ୟକ୍ତି ନୂଆ ପାଇଖାନା ନିର୍ମାଣ ପାଇଁ ଟାଙ୍କି ଖୋଳିଥିବାବେଳେ କୌଣସି କାରଣରୁ ସେଥିରେ ଗୋଟିଏ ଷଣ୍ଢ ଖସି ପଡ଼ିଥିଲା। ଗାଁ ଲୋକେ ଷଣ୍ଢକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଏନେଇ ତୁରନ୍ତ ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ଦମକଳ ବାହିନୀ ଗାଁରେ ପହଞ୍ଚି ଖାତରୁ ଆହତ ଅବସ୍ଥାରେ ଷଣ୍ଢକୁ ଉଦ୍ଧାର କରିଥିଲେ। ପରେ ଷଣ୍ଢକୁ ପ୍ରାଥମିକ ଚିକିତ୍ସା କରାଯାଇଛି। ଅଗ୍ନିଶମ ବିଭାଗ କର୍ମଚାରୀମାନଙ୍କୁ ଗ୍ରାମବାସୀମାନେ ଧନ୍ୟବାଦ ଦେଇଛନ୍ତି।

## ଭୋଗରାଇ ବୈଶାଖୀ ଉତ୍ସବ ଉଦ୍‌ଘାଟିତ

ବାଲେଶ୍ୱର(ଉତ୍ତର), ୧୪।୫ (ସମିସ): ସଂସ୍କାର ମନୋବୃତ୍ତିରୁ ସଂସ୍କୃତିର ସୃଷ୍ଟି। ସଂସ୍କୃତିଗତ ଚେତନା ଦୀପ୍ତିମନ୍ତ ହେଲେ ସମାଜରୁ ଅପସଂସ୍କୃତି ଓ ବୈଷମ୍ୟ ଦୂର ହୋଇ ମଧୁମୟ ସମାଜ ଗଢିଉଠେ ବୋଲି ବାଲେଶ୍ୱର ଜିଲା ଭୋଗରାଇର ଅଧିଷ୍ଠାତ୍ରୀ ମା' ବାସୁଳୀଙ୍କ ଶକ୍ତିପୀଠ ପଡ଼ିଆରେ ଗତ ମଙ୍ଗଳବାର ଅନୁଷ୍ଠିତ ୧୧ତମ ବୈଶାଖୀ ଉତ୍ସବର ଉଦ୍‌ଘାଟନୀ ସଭାରେ ବିଶିଷ୍ଟ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ପ୍ରାରମ୍ଭରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ହେବା ପରେ ସଭାମଞ୍ଚ ଆୟୋଜିତ ହୋଇଥିଲା। ଉତ୍ସବ କମିଟି ସଭାପତି ତଥା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି ଉକ୍ତ ଉତ୍ସବରେ ପୌରୋହିତ୍ୟ କରିଥିଲେ। ଉତ୍ସବ ମଞ୍ଚରେ ସ୍ଥାନୀୟ ଛାତ୍ରୀମାନଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ଗାନ ପରେ ଉତ୍ସବର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ବିବରଣୀ ପାଠ କରିଥିଲେ ଉତ୍ସବ କମିଟି ସଦସ୍ୟ ଭବେନ୍ଦ୍ର ସାହୁ। ମୁଖ୍ୟଅତିଥି ଭାବେ ଭୋଗରାଇ ବିଡିଓ ପ୍ରଶାନ୍ତ କୁମାର ମହାରଣା, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାମାଜସେବୀ ଅଂଶୁମାନ ମହାନ୍ତି, ସମ୍ମାନିତ ଅତିଥି ସାମାଜସେବୀ ପରମାନନ୍ଦ ପରିଡ଼ା, ଅନିମା ପାଣିଗ୍ରାହୀ, ସରପଞ୍ଚ ଦିଲୀପ କୁମାର ଦତ୍ତ ପ୍ରମୁଖ ବକ୍ତାମାନେ ସମାଜ ବ୍ୟବସ୍ଥାର ସାଂସ୍କୃତିକ ଅବକ୍ଷୟ ରୋକିବାକୁ ହେଲେ ସାଂସ୍କୃତିକ ଆନ୍ଦୋଳନ ହେବା ଜରୁରୀ ବୋଲି ପ୍ରକାଶ କରିଥିଲେ। ଶେଷରେ ଭବେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ପରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଟିଭି ସିରିଏଲ ନାୟିକା ନାୟକ ସଂଳାପ, ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ସୁମଧୁର ସଙ୍ଗୀତ, ନର୍ତ୍ତକୀ ଓ ନର୍ତ୍ତକଙ୍କ ଆଧୁନିକ ନୃତ୍ୟ ଦର୍ଶକଙ୍କୁ ମତୁଆଲା କରିଥିଲା। ଏହି ଉତ୍ସବ ନିମନ୍ତେ ସେଠାରେ ୫ ଦିନ ସ୍ଥାନୀୟ ମେଳା ବସିଛି।

## ଭୋଲେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠରେ ଏ-୧ ଛାତ୍ରଙ୍କୁ ସମ୍ବର୍ଦ୍ଧନା



ସୋର, ୧୪।୫ (ସମିସ): ଚଳିତ ଶିକ୍ଷା ବର୍ଷ ୨୦୨୫/୨୬ ମାଟ୍ରିକ ପରୀକ୍ଷାରେ ମଙ୍ଗଳପୁର ଭୋଲେଶ୍ୱର ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ଛାତ୍ର ସ୍ୱୟଂସାଇ ଦାସ ୫୪୦ ନମ୍ବର ରଖି ଏ ୧ ରେ ପାସ କରି ବିଦ୍ୟାଳୟର ଟପର ହୋଇଥିବା ବେଳେ ବିଦ୍ୟାଳୟର ୧୯ ୯୮ ବ୍ୟାଚର ଛାତ୍ର ମାନେ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବିଦ୍ୟାଳୟର ପରବର୍ତ୍ତୀ ପରୀକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ପାଇଁ ବିଦ୍ୟାଳୟର ୧୯ ୯୮ ବ୍ୟାଚର ଛାତ୍ର ଛାତ୍ରୀ ମାନେ ତାଙ୍କୁ ମାନପତ୍ର, ଉତ୍ତରୀୟ, ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିବା ସହିତ ଆଗାମୀ ଦିନରେ ଏହାକୁ ଚାଲୁ ରଖିବେ ବୋଲି ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଏବଂ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଛାତ୍ର ପ୍ରଶାନ୍ତ ବେହେରା ତାଙ୍କୁ ସମ୍ବର୍ଦ୍ଧିତ କରିଥିବା ବେଳେ ଛାତ୍ରଛାତ୍ରୀ ବିଜୟ, ମୃତ୍ୟୁଞ୍ଜୟ, ସଞ୍ଜୀବ, ଗିରିଧାରୀ, ନରୋତ୍ତମ, ମଣ୍ଟୁ, ଭାଗ୍ୟ ଶ୍ରୀ, ଚଣ୍ଡଙ୍କ ସହିତ ଅନ୍ୟମାନେ ଆଗାମୀ ଦିନରେ ବିଦ୍ୟାଳୟ ପାଇଁ କିଛି ନୂଆ କରିବାର ପ୍ରୟାସ ଅଛି ବୋଲି ମତବ୍ୟକ୍ତ କରିଥିଲେ।

## ବିଦ୍ୟୁତ୍ ବିଭାଗ ଉପରେ ତାତିଲେ ଗ୍ରାମବାସୀ

## ବିଦ୍ୟୁତ୍ ଷ୍ଟ୍ରକ୍‌ଚର ଆଗରେ ମହିଳାଙ୍କ ଧାରଣା

ବାସୁଦେବପୁର, ୧୪।୫(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବିଦେଇପୁର ବିଦ୍ୟୁତ୍ ଷ୍ଟ୍ରକ୍‌ଚର ଆଗରେ ଉହଡହ ଖରାରେ ନ୍ୟାୟ ଦାବିରେ ମହିଳାମାନେ ଧାରଣା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଏପ୍ରିଲ ୨୦ ତାରିଖ ରାତି ୧୧ଟା ସମୟରେ କରଆଡିଆ ଗ୍ରାମର ଜଣେ ଯୁବକ ସହଦେବ ତରାଇ ଯିଏ କି ଜଣେ ଠିକା କର୍ମଚାରୀ ଭାବରେ ଇଲେଭେନ କେଭି ବିଦ୍ୟୁତ୍ ତ୍ରୁଟି ଥିବାରୁ ବିଦେଇପୁର ସବ୍ ଷ୍ଟେସନର ସୁପର ଭାଇଜର ଅଜୟ କୁମାର ପୁହାଣ ଫୋନ୍ କରି ମରାମତି ପାଇଁ କହିଥିଲେ। ଖୁଣ୍ଟି ଉପରେ ଚଢ଼ି ବିଦ୍ୟୁତ୍ ତାର ସଜାଡ଼ିବାକୁ ଯାଇଥିବା ସହଦେବ ତରାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ବିଦ୍ୟୁତ୍ ଆଘାତ ଲାଗି ତାଙ୍କର ଦୁଇ ହାତ ସମ୍ପୂର୍ଣ୍ଣ ଜଳିଯିବା ସହ ଶରୀରର ବିଭିନ୍ନ ଅଂଶ ସମ୍ପୂର୍ଣ୍ଣ ଜଳିଯାଇଥିଲା। ଏବେ ସେ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ଗୋଟିଏ ହାତ କଟିଯାଇଛି। ଘଟଣା ଘଟିବାର ଦୀର୍ଘ ୨୬ ଦିନ ବିତିଯାଇଥିଲେ ମଧ୍ୟ ସହାୟତା ଦେବା ତ ଦୂରର କଥା ସାଧାରଣ ସମବେଦନା ଜଣାଇବା ପାଇଁ କୌଣସି କର୍ତ୍ତୃପକ୍ଷ ଯାଇ ନ ଥିଲେ ବୋଲି ପରିବାର ଅଭିଯୋଗ କରିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ସ୍ଥାନୀୟ ଗ୍ରାମବାସୀମାନେ ବିଦେଇପୁର ସବ୍ ଷ୍ଟେସନ ଆଗରେ ଧାରଣାରେ ବସିଛନ୍ତି। ଭଲ ହେବାକୁ ପାଖାପାଖି ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି କହୁଛନ୍ତି। ସହାୟତା ଦାବିରେ ଗ୍ରାମବାସୀ ଧାରଣା ଦେଇଛନ୍ତି। ଘଟଣାସ୍ଥଳରେ ବାସୁଦେବପୁର ତହସିଲ୍‌ଦାର ପ୍ରିୟବ୍ରତ ଦାସ, କଶିଆ ସାମୁଦ୍ରିକ ଥାନାର ଇନ୍ସପେକ୍ଟର ସୁକାନ୍ତି ଖମାରୀ, ନାୟକାଣିଡିହି ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଏପଟେ ଲୋକମାନଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ମନୋରଞ୍ଜନ ପାତ୍ର। ଆମେ ତାଙ୍କୁ ଠିକା କର୍ମଚାରୀ ଭାବେ ରଖି ନ ଥିଲୁ। ସୁପରଭାଇଜରଙ୍କ ତ୍ରୁଟିପୂର୍ଣ୍ଣ କାମ ଯୋଗୁଁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏକ କମିଟି ଗଠନ ହୋଇ ତଦନ୍ତ ହେଉଥିବା କହିଥିବାବେଳେ ଜିଲ୍ଲାପାଳଙ୍କ ସହ କଥା ହୋଇ ରେଡ୍‌କ୍ରସ ପାଣ୍ଠିରୁ ଆର୍ଥିକ ସହାୟତା କରାଯିବ। ଯେଉଁ ପିଲା ତାଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲା ତାଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲ୍‌ଦାର ପ୍ରିୟବ୍ରତ ଦାସ କହିଛନ୍ତି।

● ରେବ ନଦୀ ବାମପାର୍ଶ୍ୱରେ ସୁଦୃଢ଼ୀକରଣ ନାଁରେ ମହାଦୁର୍ନୀତି ଅଭିଯୋଗ

## ବିନା ସୂଚନାଫଳକରେ ଚାଲିଛି କାର୍ଯ୍ୟ; ଭିଜିଲାନ୍ସ ତଦନ୍ତ ଦାବି



ଅସୁରାଳି, ୧୪।୫(ସମିସ): ଆଖୁଆପଦା ଜଳସେଚନ ବିଭାଗ ଅଧୀନସ୍ଥ ବାରିକପୁର କାର୍ଯ୍ୟାଳୟ ଅଧୀନରେ ଚାଲିଥିବା ବିଭିନ୍ନ କାମରେ ରେବ ନଦୀ ବାମ ପାର୍ଶ୍ୱ ଉନ୍ନତିକରଣ ନାମରେ ମହାଦୁର୍ନୀତି ତଥା ଅସୁରାଳି ପଞ୍ଚାୟତ ବକ୍ସି ଗାଁ ନିକଟରେ ନଦୀବନ୍ଧ ସୁଦୃଢ଼ୀକରଣ ନାମରେ ସମ୍ପୂର୍ଣ୍ଣ ଏଷ୍ଟିମେଟ୍‌କୁ ଉଲ୍ଲଂଘନ କରି କାର୍ଯ୍ୟ ହେଉଛି। ଫଳରେ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରାୟ ଦେଢ଼ କୋଟିରୁ ଊର୍ଦ୍ଧ୍ୱର କାର୍ଯ୍ୟ ବିନା ସୂଚନାଫଳକରେ ହେଉଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଉନ୍ନତି ନାଁରେ ଠିକାଦାର ଓ ଯନ୍ତ୍ରୀ ମାଲେମାଲ ହେଉଥିବାବେଳେ ସାଧାରଣ ଲୋକଙ୍କର କୌଣସି ଉପକାରରେ ଆସୁନାହିଁ। ଲୋକଙ୍କୁ ଅନ୍ଧାରରେ ରଖି କାର୍ଯ୍ୟ ଶେଷ କରି ଟଙ୍କା ହଡ଼ପ କରିବେ ବୋଲି ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ସାଧାରଣ ଲୋକ ଅଭିଯୋଗ କରିଛନ୍ତି। ତୁରନ୍ତ ଜିଲ୍ଲପାଳ ଉକ୍ତ କାର୍ଯ୍ୟକୁ ସମୀକ୍ଷା କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ଚାଷୀ ସଂଗଠନ ଦାବି ରଖିଛନ୍ତି। ଏ ବାବଦରେ କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ସାହୁଙ୍କୁ ପଚାରିବାର ସେ କହିଲେ, ସୂଚନାଫଳକ ଖୁବ୍‌ଶୀଘ୍ର କରାଯିବ। କୌଣସି ପ୍ରକାର ତ୍ରୁଟି ପରିଲକ୍ଷିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## କବି ପଦ୍ମଲୋଚନଙ୍କ ୩ଟି ପୁସ୍ତକ ଲୋକାର୍ପିତ




ବାଲେଶ୍ୱର, ୧୪।୫(ସମିସ): ପୁସ୍ତକର ପାଠକ ସଂଖ୍ୟା ବୃଦ୍ଧି ପାଇଲେ ଓଡ଼ିଆ ଭାଷା ଓ ସାହିତ୍ୟକୁ ସଠିକ ସୁରକ୍ଷା ଦିଆଯାଇପାରିବ ବୋଲି କବି ପଦ୍ମଲୋଚନ ଦତଙ୍କ ଲିଖିତ ତିନୋଟି ପୁସ୍ତକ ଲୋକାର୍ପଣ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। 'ଦାରୁ ଦେବତା', 'ମିଛ ମାୟା' ଓ 'କବିତାଞ୍ଜଳି' ଲୋକାର୍ପାଣ ଉତ୍ସବରେ ଅତିଥି ଓ ବକ୍ତାଭାବେ ଡ. ଭାଗବତ ପ୍ରସାଦ ଦାସ, ଡ. ରାଧାରଞ୍ଜନ ପଟ୍ଟନାୟକ ଓ କବି ଅଭୟ ଦାସ ଯୋଗଦେଇ ପୁସ୍ତକ ଗୁଡ଼ିକର ସମୀକ୍ଷା କରି ପରିଣତ ବୟସରେ ପଦ୍ମଲୋଚନ ଦତଙ୍କର ସାହିତ୍ୟ ମାନସିକତାକୁ ପ୍ରଶଂସା କରିଥିଲେ। ଓଡ଼ିଆ ପୁସ୍ତକଗୁଡ଼ିକର ପାଠକ ସଂଖ୍ୟା ବୃଦ୍ଧି ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ଗୃହରେ ଅନୁଷ୍ଠିତ ସଭାରେ ସାଧାରଣ ସମ୍ପାଦକ ଦାମୋଦର ନାୟକ ଅଧ୍ୟକ୍ଷତା କରିଥିଲେ ଓ କଲ୍ୟାଣୀ ନନ୍ଦ ଅତିଥିମାନଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ଶ୍ରୀ ଦତ ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବେଣୁଧର ପାଳ, ବରେନ୍ଦ୍ର ନାଥ ସାହୁ, କୁମୁଦ ରଞ୍ଜନ ଗିରି, ପୁଷ୍ପଲତା ମହାନ୍ତି, ଗୌରାଙ୍ଗ ପାଣିଗ୍ରାହୀ ଓ ଶରତ କୁମାର ବିଶ୍ୱାଳ ପ୍ରମୁଖ ଲେଖକ ଦତଙ୍କର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଙ୍ଗଠନରେ ସହଯୋଗକୁ ପ୍ରଶଂସା କରିଥିଲେ। ପଣ୍ଡିତ ସଞ୍ଜୟ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଖଇରାରେ ନୂତନ ତହସିଲଦାରଙ୍କ ଯୋଗଦାନ



ଖଇରା, ୧୪।୫ (ସମିସ): ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ତହସିଲରେ ନୂତନ ତହସିଲଦାର ଭାବେ ଅନୂପ କୁମାର ବେହେରା କାର୍ଯ୍ୟରେ ଯୋଗଦାନ କରିଛନ୍ତି। ସେ ପୂର୍ବରୁ ରେମୁଣା ତହସିଲଦାର ଭାବେ ଅଭିଷିକ୍ତ ଥିଲେ। ଖଇରାରେ ଯୋଗଦାନ ପରେ ଖଇରା ସାମ୍ବାଦିକ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ଆଞ୍ଚଳିକ ବ୍ରାହ୍ମଣ ସମିତି ଓ ଜନଜାଗରଣ ମଞ୍ଚର କର୍ମକର୍ତ୍ତା ଭେଟି ଖଇରାର ଉନ୍ନତି ସମ୍ପର୍କରେ ଆଲୋଚନା କରିଛନ୍ତି। ନୂତନ ତହସିଲଦାର ଆଲୋଚନା ପ୍ରସଙ୍ଗରେ ଖଇରାବାସୀ ସହଯୋଗ ରହିଲେ ଯାହା ତାଙ୍କ ଦ୍ୱାରା ସମ୍ଭବ ତାହା କରିବାକୁ ପ୍ରସ୍ତୁତ ଅଛନ୍ତି। ଯେଭଳି ଖଇରା ତହସିଲକୁ ଆସୁଥିବା ପ୍ରତ୍ୟେକ ଜନସାଧାରଣକୁ ସେବା ମିଳିପାରିବ ତାକୁ ସେ ପ୍ରାଥମିକତା ଦେବେ ବୋଲି କହିଛନ୍ତି।

## ସାବିତ୍ରୀ ପାଇଁ ଫଳ ଦର ଆକାଶଛୁଆଁ

ବନ୍ତ/ଆଗରପଡ଼ା, ୧୪।୫(ସମିସ): ହିନ୍ଦୁ ମହିଳା ସେମାନଙ୍କ ସ୍ୱାମୀ ଓ ପରିବାରର ମଙ୍ଗଳ ପାଇଁ ବାରମାସରେ ତେର ପର୍ବ ପାଳନ କରିଥା'ନ୍ତି। ସେଥିମଧ୍ୟରୁ ସାବିତ୍ରୀ ବ୍ରତ ମହିଳାମାନଙ୍କ ପାଇଁ ଅନ୍ୟତମ ପର୍ବ ଅଟେ। ସଧବା ହିନ୍ଦୁ ମହିଳାମାନେ ଜ୍ୟେଷ୍ଠ ଅମାବାସ୍ୟା ତିଥିରେ ଏହି ବ୍ରତ ପାଳନ କରିଥା'ନ୍ତି। ଚଳିତ ବର୍ଷ ଆସନ୍ତା ସୋମବାର ସାବିତ୍ରୀ ବ୍ରତ ପାଳନ ହେବାକୁ ଯାଉଛି। ତେବେ ଏଥିପାଇଁ ବନ୍ତ-ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳ ଚଳଚଞ୍ଚଳ ହୋଇପଡ଼ିଛି। ଏହି ପର୍ବରେ ବିଶେଷ କରି ବିଭିନ୍ନ ଫଳ ପୂଜାର୍ଚ୍ଚନା କରାଯାଇଥାଏ। ଏହି ପର୍ବକୁ ଲକ୍ଷ୍ୟ ରଖି ବର୍ତ୍ତମାନ ବନ୍ତ-ଆଗରପଡ଼ା ତଥା ଏହାର ଆଖପାଖ ବଜାର ଅଞ୍ଚଳରେ ଫଳ ଦର ଆକାଶଛୁଆଁ ହୋଇଥିବାର ଜଣାପଡ଼ିଛି। ଯାହାକି ଏହାକୁ କିଣିବା ପାଇଁ ସ୍ୱାମୀମାନେ ପଛ ଘୁଞ୍ଚା ଦେଉଥିଲେ ମଧ୍ୟ ଆକାଶ ଛୁଆଁ ଦରରେ ଏହାକୁ କିଣିବାକୁ ବାଧ୍ୟ ହେଉଛନ୍ତି। କେବଳ ଫଳ ନୁହେଁ, ତାହା ସହିତ ଶାଢ଼ି ଓ କସ୍‌ମେଟିକ୍ସ କିଣୁଛନ୍ତି। ଆମ୍ବ ୧୫୦ରୁ ୨୦୦, ନଡ଼ିଆ ଗୋଟା ୫୦, କଦଳୀ ଡର୍ଜନ ୭୦, ସପୁରୀ ଗୋଟା ୬୦, ଲିଚୁ ୧୫୦, ପଣସ ଗୋଟା ୧୦୦, ସେଓ ୨୦୦, ଅଙ୍ଗୁର ୧୫୦, ତାଳସଜ ୨୦ ଟଙ୍କାରେ ବିକ୍ରି ହେଉଥିବାର ଲକ୍ଷ୍ୟ କରାଯାଇଛି।

## ଫେଲୋସିପ୍‌ରେ ହାଜୀ ଅବୁଲ କାଶିମଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭଦ୍ରକ, ୧୪।୫(ସମିସ): ଗୁରୁବାର ଭଦ୍ରକ ସହରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଫେଲୋସିପ୍‌ଠାରେ ଅନୁଷ୍ଠାନର ପ୍ରତିଷ୍ଠାତା ସଦସ୍ୟ ତଥା ବିଶିଷ୍ଟ ସମାଜସେବୀ ସ୍ୱର୍ଗତ ହାଜୀ ଅବୁଲ କାଶିମ ଖାଁଙ୍କର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ପ୍ରଫେସର ଝରଣା ପଟ୍ଟନାୟକ ସଭାପତିତ୍ୱ କରିଥିଲେ ଏବଂ ବିଶିଷ୍ଟ ବୁଦ୍ଧିଜୀବୀ ଓ ଫେଲୋସିପ୍‌ର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ହାଜି ଅବ୍‌ଦୁଲ ମୁକିଦ ଖାଁ, ହରିପ୍ରସାଦ ନନ୍ଦ, କୈଳାସ ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ପବନ ଶର୍ମା, ଅସରଫ ଅଲ୍ଲି, ସାନ୍ତନୁ ରାଉତ, ଅବଦୁଲ ଦୟାନ ଯିଆ, ମଦନ ମହାନ୍ତି, ପୁଷ୍ପାଞ୍ଜଳି ବେହେରା, ଲଲାଟେନ୍ଦୁ ମହାନ୍ତି, ବିଦ୍ୟାଧର ସାହୁ, ସେଖ୍ ନିୟାଜ, ରାଜେନ୍ଦ୍ର ଜେନା, ମିର୍ଜା ଏବାଜ୍ ବେଗ ଓ ଫେଲୋସିପ୍ ଅନୁଷ୍ଠାନର ସମ୍ପାଦକ ଏସ୍.ଏମ୍.ଫାରୁକ୍ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଓ ଉକ୍ତ ସଭାରେ ମୁସ୍ତାକ ଗୌହର ସଂଯୋଜନା କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୧୪।୫(ସମିସ): ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦରିଦ୍ର ନାରାୟଣ ଯୋଗୀ ଋଷି ଲଛମନ ଶିଶୁ ଆଶ୍ରମରେ କଠିନ ବର୍ଜ୍ୟବସ୍ତୁରୁ କିପରି ବ୍ୟବହାର ଉପଯୋଗୀ ଦ୍ରବ୍ୟମାନ ପ୍ରସ୍ତୁତ ହୋଇପାରିବ ଏବଂ ନାଲ୍‌ସା ଦ୍ୱାରା ଜାରି ହୋଇଥିବା ୧୫୧୦୦ ସମ୍ପୂର୍ଣ୍ଣ ଦେୟମୁକ୍ତ ନମ୍ବରର କିଭଳି ସଠିକ୍ ବ୍ୟବହାର କରିବେ ସେ ସମ୍ପର୍କିତ ସଚେତନ କରାଯାଇଛି। ଏହି ଅବସରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ, ଜିଲ୍ଲା ଶିଶୁ ଓ ଯତ୍ନ ଅଧିକାରୀ ଅବିନାଶ ମହାନ୍ତି, ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏଏଲଡିଏସ୍ ସହାୟକ ଡ. ତାପସ କୁମାର ମହାନ୍ତି, ଏହି ଶିଶୁ ଆଶ୍ରମର ସମ୍ପାଦକ ଲୋକନାଥ ପତି ଏବଂ ଆଶ୍ରମର ଅନ୍ୟାନ୍ୟ ସହକର୍ମୀଗଣ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସଚେତନତା କରାଇଥିଲେ। ଏହି ଅବସରରେ ପିଲାମାନଙ୍କୁ ନେଇ ସୁରକ୍ଷିତ ଶୈଶବ, ସୁରକ୍ଷିତ ଭବିଷ୍ୟତ ଉପରେ ଏକ ଶୋଭାଯାତ୍ରା କରାଯାଇଥିଲା। ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ ଏହି ସଚେତନତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମଦନ ମୋହନ ସରସ୍ୱତୀ ଉଚ୍ଚ ବାଳିକା ବିଦ୍ୟାଳୟର ମାଣିକ୍ୟ ଜୟନ୍ତୀ ସମାରୋହ ଉଦ୍‌ଯାପିତ

ସୋର, ୧୪।୫ (ସମିସ)



ସୋର ବ୍ଲକ ଗୋପୀନାଥପୁର ପଞ୍ଚାୟତ ମଙ୍ଗଳପୁରସ୍ଥିତ ମଦନ ମୋହନ ସରସ୍ୱତୀ ବାଳିକା ଉଚ୍ଚ ବିଦ୍ୟାଳୟର ମାଣିକ୍ୟ ଜୟନ୍ତୀ ସମାରୋହ ବିଦ୍ୟାଳୟର ପୁରାତନ ଛାତ୍ରୀ ସଂସଦର ସମ୍ପାଦକ ଡ. ସୁନାଲି ଦାସଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଅନୁଷ୍ଠିତ ହୋଇ ଥିବା ଏହି କାର୍ଯ୍ୟକ୍ରମର ଆଜି ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ସୋରର ପ୍ରାକ୍ତନ ବିଧାୟକ ପର୍ଶୁରାମ ଧଡ଼ା, ମୁଖ୍ୟବକ୍ତା ଭାବେ ଉଦଳା ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ସମ୍ମାନିତ ଅତିଥି ଭାବେ ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ରତ୍ନାକର ମୁଦୁଲି ଓ ବରେଣ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ପଣ୍ଡା ଯୋଗ ଦେଇ ବିଦ୍ୟାଳୟରେ ଜୟନ୍ତୀ ପାଳନର ଆବଶ୍ୟକତା, ଦେଶ ଗଠନରେ ନାରୀର ଭୂମିକା ବାବଦରେ ବକ୍ତବ୍ୟ ପ୍ରଦାନ କରିବା ସହିତ ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଦ୍ୟାଳୟର ଜୟନ୍ତୀ ସମାରୋହ ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ବିଦ୍ୟାଳୟ ସହିତ ଯୋଡି ହେବାର ସୁଯୋଗ ସୃଷ୍ଟି କରିବା ସହିତ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତିରେ ଆଲୁମିନି ମାନେ ସହାୟକ ହେବେ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସଭା କାର୍ଯ୍ୟ ପ୍ରାରମ୍ଭରେ ଉତ୍ତମକୁମାର ମହାପାତ୍ର ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ପୁରାତନ ଛାତ୍ରୀ ବାସନ୍ତୀ ମାହାନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କ ଦ୍ୱାରା ବିଦ୍ୟାଳୟର କୃତି ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦଯାପନୀ ଦିବସର ସକାଳ ଅଧିବେଶନକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତପନ କୁମାର ପଣ୍ଡା ସଭାପତିତ୍ୱ କରି ବିଦ୍ୟାଳୟ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ସମ୍ବନ୍ଧରେ ଆଲୋକପାତ କରିଥିଲେ ଏବଂ ବିଦ୍ୟାଳୟର ସର୍ବାଙ୍ଗୀନ ବିକାଶ ପାଇଁ ପୁରାତନ ଛାତ୍ରୀମାନଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଧର ପ୍ରସାଦ ବେହେରା, ବରେଣ୍ୟ ଅତିଥି ଭାବେ ସୋର ବ୍ଲକ ବିଜ୍ଞାନ ସଂଯୋଜକ ନିରଞ୍ଜନ ନାୟକ, ଭୋଲେଶ୍ୱର ଜନାର୍ଦ୍ଦନ ଉଚ୍ଚ ବିଦ୍ୟାପୀଠ, ମଙ୍ଗଳପୁର ର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ବେହେରା ଏବଂ କବି ଯାଯାବର ଯୋଗଦାନ କରି ନିଜର ବହୁମୂଲ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷୟିତ୍ରୀ ଜୟନ୍ତୀ ପଣ୍ଡାଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସହକାରୀ ଶିକ୍ଷକ ଉତ୍ତମ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଉଦଯାପନୀ ଦିବସର ସାନ୍ଧ୍ୟ ଅଧିବେଶନ ପରେ ବିଦ୍ୟାଳୟର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅଞ୍ଜନ କୁମାର ଜେନାଙ୍କ ସମେତ ବିଦ୍ୟାଳୟର ଆଲୁମିନି କମିଟି ସଦସ୍ୟାଙ୍କ ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ।

